# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 January – 2026**

---

## ଜାତୀୟ ଯୁବ ଦିବସ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ । ଚଳିତବର୍ଷ ନିଜକୁ ସକ୍ରିୟ କରିବା, ବିଶ୍ୱକୁ ପ୍ରଭାବିତ କରିବା ବାର୍ତ୍ତା ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁବ ଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ରେ ଯୋଗଦେବେ । ଶ୍ରୀ ମୋଦୀ ଦେଶର ଯୁବନେତୃତ୍ୱଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଅବସରରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଅପରାହ୍ଣରେ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବେ । ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ ।

## ବିଦ୍ୟାଳୟରେ ସମୂହ ଗାନ

ଜାତୀୟ ଯୁବ ଦିବସ ପାଳନ ଅବସରରେ ଆଜି ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ସାମୁହିକ ବନ୍ଦେ ମାତରମ୍ ଗାନ କରାଯିବ । ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିବେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମୂହ ବନ୍ଦେ ମାତରମ୍ ଗାନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି ।

## ମୁଖ୍ୟମନ୍ତ୍ରୀ-ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୬ହଜାର ୭୦୧କୋଟି ଟଙ୍କା ସମ୍ବଳିତ ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନସନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କେତେକ ଲୋକାଭିମୁଖୀ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିବେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନର ଶୁଭାରମ୍ଭ ସହ ସୁରକ୍ଷା ରେଟିଂ, ସତର୍କ ସୂଚନା ଘଣ୍ଟି, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନର ଶୁଭାରମ୍ଭ ସହ ଟ୍ରାଫିକ ପରିଚାଳନା ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହେବ । ୧୦ଟି ଜିଲ୍ଲାରେ ୧୫୬କୋଟିରୁ ଅଧିକ ଟଙ୍କାର ୧୪ଟି ଅଟଳ ବସ୍‌ଷ୍ଟାଣ୍ଡର ଲୋକାର୍ପଣ ସହ ରାଜ୍ୟ ସଡ଼କ ପରିବହନ ନିଗମର ୧୦୦ଟି ନୂତନ ବସ୍

ଚଳାଚଳ ଆରମ୍ଭ ହେବ । ବ୍ରହ୍ମପୁରରେ ଇ-ବସ୍ ଡିପୋରେ ୨୫ଟି ବୈଦ୍ୟୁତିକ ଆମ ବସ୍‌ର ମଧ୍ୟ ଶୁଭାରମ୍ଭ ହେବ ।

# ଧର୍ମେନ୍ଦ୍ର ପ୍ରଧାନ-ବିକଶିତ ଭାରତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଚାଲିଥିବା ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଯୁବ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ପାଇଁ ଆଗାମୀ ୧୦ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଓଡ଼ିଆଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ନିଜର ଦାୟିତ୍ୱକୁ ବୁଝିବାକୁ ପଡିବ ।

# ବୌଦ୍ଧ ସମ୍ମିଳନୀ

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଉଦୟଗିରି ବୌଦ୍ଧସ୍ଥଳଠାରେ ୬ ଦିନ ବ୍ୟାପୀ ଦ୍ୱିତୀୟ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ  ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି । ସମ୍ମିଳନୀରେ ଦେଶ ଓ ବିଦେଶରୁ ୧୭ଶହରୁ ଅଧିକ ବୌଦ୍ଧ ଧର୍ମାବଲମ୍ବୀ ଏବଂ ଗୁରୁମାନେ ଯୋଗ ଦେଇଛନ୍ତି । ଉଦ୍‌ଘାଟନୀ ସମାରୋହରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ ବରଂ ବୁଦ୍ଧଙ୍କ ମାର୍ଗରେ ରହିଛି ବୋଲି କହିଲେ ।

# ନାଟକ ମଞ୍ଚସ୍ଥ

ରାଜ୍ୟ ସରକାରଙ୍କ ଓଡ଼ିଆଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଦ୍ରକ ସହିଦ ସ୍ମୃତିଭବନ ଟାଉନ୍‌ହଲଠାରେ ଶତାବ୍ଦୀର କଳାକାର ଅନୁଷ୍ଠାନ ପକ୍ଷରୁ ମହାସଂଗ୍ରାମୀର ମହାନାୟକ ବକ୍ସି ଜଗବନ୍ଧୁ ନାଟକ ମଞ୍ଚସ୍ଥ ହୋଇଥିଲା । ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଏହି ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ନବରଙ୍ଗପୁର ଜିଲ୍ଲା ମଣ୍ଡେଇ ପଡ଼ିଆରେ ଚାଲିଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଛି। ମେଳାରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ୪କୋଟି ୫୦ଲକ୍ଷ ଟଙ୍କାର ଯନ୍ତ୍ରପାତି ନିମନ୍ତେ ଆଗୁଆ ବୁକିଂ ହେବା ସହ ଚାଷୀମାନେ ୯୭ଲକ୍ଷ ଟଙ୍କାର ସରକାରୀ ରିହାତି ପାଇଥିବା କହିଛନ୍ତି । ଜିଲ୍ଲାର ୧୦ଜଣ ସଫଳ ଚାଷୀ ଓ ୧୦ଜଣ କୃଷି ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ଭା'ପୁର ମହୋତ୍ସବ

ନୟାଗଡ ଜିଲ୍ଲା ଭା'ପୁର ବ୍ଲକ ସଦର ମହକୁମାସ୍ଥିତ ମହୋତ୍ସବ ପଡ଼ିଆରେ ୪ଦିନ ଧରି ଚାଲିଥିବା ଭା'ପୁର ମହୋତ୍ସବ ଓ ପଲ୍ଲିଶ୍ରୀମେଳା ଉଦ୍‌ଯାପିତ ହୋଇଛି । ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଜନଭାଗିଦାରୀକୁ ଗୁରୁତ୍ୱ ଦେବାକୁ ମତବ୍ରକାଶ କରିଥିଲେ ।

## କନ୍ଧମାଳ ଜିଲ୍ଲା ମହୋତ୍ସବ

କନ୍ଧମାଳ ଜିଲ୍ଲା ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜିଲ୍ଲାର ଆଦିବାସୀ ସଂସ୍କୃତି ଓ ଲୋକ ପରମ୍ପରାର ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି । ମହୋତ୍ସବରେ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳା ଆସନ୍ତାକାଲି ଉଦ୍‌ଯାପିତ ହେବ ।

## ବଲାଙ୍ଗିର-ଲୋକ ମହୋତ୍ସବ

ବଲାଙ୍ଗୀର ଜିଲ୍ଲାର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଲୋକବାଦ୍ୟ, ଲୋକସଂଗୀତ ଓ ଲୋକନାଟକ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ

ସଂଗୀତ ବିଶାରଦ ଗୁରୁ ରବୀନ୍ଦ୍ର କୁମାର ଜେନା ଓ ଲୋକଧର୍ମୀ ପ୍ରଦର୍ଶନ କଳାଗୁରୁ ସୁମନ ବନଛୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କଳାହାଣ୍ଡି ଉତ୍ସବ

୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ର ଅବ୍ୟବହିତ ପୂର୍ବରୁ ଷଷ୍ଠ ପଥୋତ୍ସବ ଆୟୋଜିତ ହୋଇଯାଛି । ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ସାମୁହିକ ବନ୍ଦେ ମାତରମ୍ ଗାନ କରିବା ସହ କାର୍ଯ୍ୟକ୍ରମରେ ମହାରାଜ କଂସଙ୍କ ଦରବାର ଅନୁଷ୍ଠିତ ହୋଇଥିଲା ।

# ଢେଙ୍କାନାଳ ମହୋତ୍ସବ

ଢେଙ୍କାନାଳ ମହୋତ୍ସବ ୨୦୨୬ ଅବସରରେ ବ୍ରଜନାଥ ବଡଜେନା ଉଚ୍ଚବିଦ୍ୟାଳୟ ଏବଂ ପୁରୁଣା ଜିଲ୍ଲାପରିଷଦ ହଲ୍‌ରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବର୍ଗରେ ୧୬୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ୧୮ତମ ଢେଙ୍କାନାଳ ମହୋତ୍ସବରେ ପୁରସ୍କୃତ କରାଯିବ ।

# ପାଣିପାଗ

ରାଜ୍ୟରେ ପୁଣି ଶୀତର ପ୍ରକୋପ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା

ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।